# ତହସିଲଦାରଙ୍କ କାର୍ଯ୍ୟାଳୟ ଶେରଗଡ଼ (ଗଞ୍ଜାମ)

ବିଜ୍ଞପ୍ତି ସଂଖ୍ୟା: ୪୦୫୩/ ସଇରାତ                                        ତା. ୨.୧୨.୧୯

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

**[ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଅନୁଯାୟୀ]**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଶେରଗଡ଼ ତହସିଲ ଅନ୍ତର୍ଗତ ସୂଚିରେ ପ୍ରଦତ୍ତ (Annexure-I) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡ଼ିକୁ ଆସନ୍ତା ୫(ପାଞ୍ଚ) **ବର୍ଷ ନିମନ୍ତେ** (୨୦୨୦-୨୧ ଠାରୁ ୨୦୨୪-୨୫ **ପର୍ଯ୍ୟନ୍ତ**) ଦିର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

**ପ୍ରକାଶ ଥାଉକି ଲିଜ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନିୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।**

ଇଚ୍ଛୁକ ବ୍ୟକ୍ତି ମାନେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୬ ବର୍ଣ୍ଣିତ **ତିନିକିତା ଫର୍ମ-M** ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. **ଦରଖାସ୍ତ ଫି ବାବଦକୁ ଟ.୧,୦୦୦/- (ଏକ ହଜାର)ଟଙ୍କାର ଟ୍ରେଜେରୀ ଚାଲାନ୍** (Head of Account-0853-Non-Ferrous Mining and Metallurgical Industries-102-Mineral concession Fess, Rents and Royalties ), ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଉତ୍ସର ନାମ, ତଫସିଲ ଓ ସରହଦ୍‌ର ବିବରଣୀ ସଂଲଗ୍ନ କରିବା ହେବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟିର

ଓଲଟାନ୍ତୁ .............

Scanned by CamScanner

ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) **(ଯାହାର ଅବଧି ଅନ୍ତତଃ ୪୦ର ମାସ ହେବା ଆବଶ୍ୟକ)** [Requisite Extent of Solvency = Minimum Guaranteed Quantity / Bank Guarantee X (Offered Additional Charge + Royalty)].

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲ୍‌ଟିର ଶତକଡ଼ା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫଟ୍ । **ନିର୍ଦ୍ଧାରିତ ହୋଇଥିବା EMD (Earnest Money Deposit) ର ପରିମାଣକୁ ଆବେଦନକାରୀ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।**

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଆସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

**୮. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ. ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।**

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାଫାରେ ରେଜିଷ୍ଟ୍ରିଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ-ଦିଆ ଟେଣ୍ଡର ବକ୍ସରେ **ତା.୨୦.୧୨.୨୦୧୯ ରିଖ ରୁ ୨୭.୧୨.୨୦୧୯ ଅପରାହ୍ନ ୨ ଘଟିକା ସୁଦ୍ଧା** ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଉକ୍ତ ଦିନ ଅର୍ଥାତ୍ **୨୭.୧୨.୨୦୧୯ ଅପରାହ୍ନ ୩.୩୦ ଘଟିକା** ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

**ଠିକଣା :**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼,**
**ଗ୍ରାମ/ପୋଷ୍ଟ- ଶେରଗଡ଼, ଜିଲ୍ଲା-ଗଞ୍ଜାମ (ଓଡ଼ିଶା),**
**ପିନ୍ -୭୬୧୧୦୬**

**ଓଲଟାନ୍ତୁ ..............**

Scanned by CamScanner

**ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।**

**ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।**

**ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା** (Competent Authority) **ଧାର୍ଯ୍ୟ ହୋଇଥିବା ରୟାଲଟି ମୂଲ୍ୟ ଏବଂ** Steel & Mines Department, Govt. of Odisha ର ଚିଠି ନଂ ୪୫୦୫ ତା.୨୧.୦୫.୧୬ ଏବଂ OMMC Rules-2016 ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ **ଅତିରିକ୍ତ ଦେୟର ପରିମାଣ ରୟାଲଟି ମୂଲ୍ୟର ଶତକଡା ୫ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।**

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭(ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ-F ରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ **ସର୍ତ୍ତାବଳିର ସମ୍ମତି** ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ **ଉତ୍ତୋଳନ** ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି **ସୁଧ ରହିତ ଅମାନତ ରାଶି** (Security Deposit) ଭାବରେ ରଖାଯିବ । **ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।**

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍‌ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା **ତା.୨୮.୧୨.୨୦୧୯ ରିଖ ରୁ ୦୩.୦୧.୨୦୨୦ ରିଖ ମଧ୍ୟରେ** ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ **ତା.୦୩.୦୧.୨୦୨୦ ଅପରାହ୍ଣ ୦୨.୦୦ ଘଟିକା ସୁଦ୍ଧା** ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତକୁ ସେହି ଦିନ ଅର୍ଥାତ୍ **ତା.୦୩.୦୧.୨୦୨୦ ରିଖ ଅପରାହ୍ଣ ୦୩.୩୦ ଘଟିକା** ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ । ସେହିପରି ଯଦି ଦ୍ୱିତୀୟଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ **ତୃତୀୟଥର ତଥା ଶେଷଥର ପାଇଁ ତା.୦୪.୦୧.୨୦୨୦ ରିଖ ରୁ ତା.୧୦.୦୧.୨୦୨୦ ରିଖ ମଧ୍ୟରେ** ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ **ତା.୧୦.୦୧.୨୦୨୦ ରିଖ ପୂର୍ବାହ୍ଣ ୦୨.୦୦ ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ** ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି

**ଓଲଟାନ୍ତୁ ..............**

Scanned by CamScanner

ବିଶେଷଙ୍କ ଉପସ୍ଥିତିରେ ସେହି ଦିନ ଅର୍ଥାତ୍ **ତା.୧୦.୦୧.୨୦୨୦ ରିଖ ଅପରାହ୍ନ ୦୩.୩୦ ଘଟିକା** ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ, ଏହି ଦରଖାସ୍ତଟିକୁ ଖୋଲା ନ ଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି, ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନ ଯାଇଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯିବ ।

**ମନୋନିତ ଆବେଦନକାରୀ ତିନି ମାସ ମଧ୍ୟରେ** Mining Plan **ତଥା** Environmental Clearance **ଦାଖଲ କରି ଫର୍ମ–N** ରେ ନିଜସ୍ୱ ଖର୍ଚ୍ଚରେ **ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ ।** ଅନ୍ୟଥା ଆଇନ ଅନୁଯାୟୀ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate Order ରେ ଲିଜ୍‌ଧାରୀ ଖଣିଜଦ୍ରବ୍ୟ **ଉତ୍ତୋଳନ** କରିପାରିବେ ନାହିଁ ।

ବାଲି ଓ ପଥର ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘନମିଟର ପ୍ରତି (per cubic meter) ଯଥାକ୍ରମେ ଟ.୩୫/- ଓ ଟ.୧୩୦/- ଅଟେ ।

ଲିଜଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହାର ସୀମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜ୍‌ଧାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ (ରିହାତି) ନିୟମ-୨୦୧୬ର ଓ **ତତ୍-ପରବର୍ତ୍ତି** ସମସ୍ତ ସରକାରୀ ଓ ଅଦାଲତର ଆଦେଶ ମାନିବାକୁ ବାଧ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା **ପରିବର୍ତ୍ତନ** କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

**ସଂଲଗ୍ନକ** - Annexure-I

**ତହସିଲଦାର, ଶେରଗଡ଼**

**ଓଲଟାନ୍ତୁ** ..............

Scanned by CamScanner

ପରିପତ୍ର ସଂଖ୍ୟା......4084.......... ତା......3.12.19.....

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ଶେରଗଡ଼ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସରପଞ୍ଚ ଅଲାରିଗଡ଼ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଶେରଗଡ଼

Scanned by CamScanner

**Annexure-I**

# Detail Information on Sairat Sources

| Sl. No | Case No. | Details of Sairat Sources | | | | | Minimum guaranted quantity (MGQ) per annum (in Cum.) | Royalty per Cum. | Minimum Additional Charge to be quoted per Cum. | EMD in Rs. 5% of {Col. No.(9+10) X Col. No.8} |
|---|---|---|---|---|---|---|---|---|---|---|
| | | Name of the Source | Name of the Mouza | Khata No. | Plot No. | Extent | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | OMMC No.-01/2019-20 | Khairabathi Stone Quarry | Khairabathi | 218 A.A.A | 1574 | Hc. 2.225 | 7000 | 130.00 | 7.00 | 47950.00 |
| | | | | | 1575 | Hc. 2.500 | | | | |
| | | | | | 1576 | Hc. 1.300 | | | | |
| | | | | | 1683 | Hc. 1.500 | | | | |
| **Total Area:** | | | | | | **Hc. 7.525** | | | | |

**Tahasildar, Sheragada**

Scanned by CamScanner